بسم الله الرحمٰن الرحيم

ଖୁତବା ଜୁମା ୧୦ଜାନୁୟାରୀ ୨୦୨୦ର ସାରାଂଶ
ସ୍ଥାନ- ମସଜିଦ୍ ମୁବାରକ ଇସଲାମାବାଦ୍ ଟେଲଫୋର୍ଡ(ବ୍ରିଟେନ୍)

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦର ସାହାବ ହଜ଼ରତ୍ ସାଆଦ୍ ବିନ୍ ଉବାଦା ର.ଅଙ୍କ ପ୍ରଶଂସନୀୟ , ବିଶ୍ୱାସ ବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜ଼ୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଗତ ଖୁତବାରେ ୱକଫେ ଜଦିଦର ନୂତନ ବର୍ଷର ଘୋଷଣା ସହିତ ମୁଁ ଯେଉଁ ଦେଶମାନଙ୍କର ପୋଜ଼ିଶନ ସଂପର୍କରେ କହିଥିଲି । ଉକ୍ତ ଖୁତବାରେ ମୁଁ କହିଥିଲି ଯେ, ୟୁ.କେର ଜମାଅତରେ ୱକ୍‌ଫେ ଜଦିଦର ଚାନ୍ଦା ଆଦାୟ ଦୃଷ୍ଟିରୁ ଇସଲାମାବାଦର ଜମାଅତ ପ୍ରଥମ ସ୍ଥାନ ଅଧିକାର କରିଥିଲା। କିନ୍ତୁ ପରେ ଏହି କଥା ନଜରକୁ ଆସିଥିଲା ଯେ, ସେହି ସମୀକ୍ଷାଟି ଭୁଲ ଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଜମାଅତ ହେଉଛି, **ଓଲଡ଼ରଶା** ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜମାଅତ ହେଉଛି **ଇସଲାମାବାଦ**, ସୁତରାଂ ଏହି ତ୍ରୁଟି ମାର୍ଜନାର ଆବଶ୍ୟକତା ଥିଲା। କାରଣ ତାହାକୁ ହିଁ ମୁଁ ସର୍ବପ୍ରଥମେ ବର୍ଣ୍ଣନା କରିବାକୁ ମନସ୍ଥ କଲି। ଓଲଡ଼ରଶାର ଜମାଅତ ମାଶାଅଲ୍ଲାଃ ଖୁବ୍ ବଳିଦାନ ଦେଉଛନ୍ତି ଏବଂ ବିଶେଷ କରି ଓଲଡ଼ରଶାର ସଦର ଲଜନା ତଥା ଅନ୍ୟାନ୍ୟ ମହିଳାମାନେ କେଉଁଭଳି ଭାବରେ ଅସାଧାରଣ ବଳିଦାନ ଦେଇଛନ୍ତି । ସେମାନଙ୍କର ଏହି ତ୍ୟାଗମୂଳକ ମନୋଭାବ ଅତ୍ୟନ୍ତ ଉଦାହରଣୀୟ ଅଟେ । ଅଲ୍ଲାଃତାଲା ସେମାନଙ୍କ ଧନଜୀବନରେ ବରକତ୍ ଅବତୀର୍ଣ୍ଣ କରନ୍ତୁ । ଆମିନ୍ । ଗତ ଖୁତବାରେ ସାମାନ୍ୟ ରୂପେ ମୁଁ ଦରିଦ୍ର ବ୍ୟକ୍ତିମାନଙ୍କର ଓ ଦରିଦ୍ର ରାଷ୍ଟ୍ରମାନଙ୍କରେ ବସବାସ କରୁଥିବା ଲୋକମାନଙ୍କର ବଳିଦାନ ତଥା ତ୍ୟାଗ ସଂପର୍କରେ କେତେକ ଘଟଣାମାନ ବର୍ଣ୍ଣନା କରିଥିଲି । ତାହା ଏଇଥିପାଇଁ ଯେ,  ଧନୀକ ବ୍ୟକ୍ତିମାନଙ୍କ ମଧ୍ୟରେ ବି ଏହି ଚେତନା ବା ବୋଧଟି ଉଦ୍ରେକ ହେଉ ଏବଂ ସେମାନେ ମଧ୍ୟ ତ୍ୟାଗର ଆତ୍ମାକୁ ହୃଦୟଙ୍ଗମ କରନ୍ତୁ । ଅନ୍ୟଥା ଅଲ୍ଲାଃତାଲାଙ୍କ କୃପାରୁ ସେହି ବିକଶିତ ରାଷ୍ଟ୍ରମାନଙ୍କରେ ଏଭଳି ଅନେକ ଲୋକ ରହିଛନ୍ତି ଯେଉଁମାନେ ସାଂସାରିକ ଆବଶ୍ୟକତାକୁ ପଛରେ ପକାଇ ତ୍ୟାଗ ଦେଉଅଛନ୍ତି । ବର୍ତ୍ତମାନ ଆଜିର ଖୁତବାର ଯେଉଁ ପ୍ରସଙ୍ଗ ରହିଛି ମୁଁ ସେହି ପ୍ରସଙ୍ଗ ଆଡ଼କୁ ଫେରୁଛି ଏବଂ ତାହା ହେଉଛି ବଦରୀ ସାହାବାମାନଙ୍କର ଚର୍ଚ୍ଚା । ଗତ ଖୁତବାର ପୂର୍ବ ଖୁତବାରେ ହଜରତ୍ ସାଆଦ୍ ବିନ୍ ଉବାଦା ର.ଅଙ୍କ ଚର୍ଚ୍ଚା ଚାଲିଥିଲା ଏବଂ ତାଙ୍କ ସଂପର୍କରେ ଆଉ କେତେକ କଥା ରହିଯାଇଥିଲା । ତେଣୁ ଆଜି ତାହାର ଆଲୋଚନା କରି ପ୍ରାମାଣିକ ସୂତ୍ର ମାଧମରେ ହିଁ ବର୍ଣ୍ଣନା କରିବି । କିନ୍ତୁ ଏଠାରେ ମଧ୍ୟ ଗୋଟିଏ ତ୍ରୁଟିଯୁକ୍ତ ପ୍ରମାଣର ସଂଶୋଧନ କରିବାର ଆବଶ୍ୟକତା ଅନୁମିତ ହେଉଛି ଯାହାକି ଗତ ଖୁତବାରେ ମୁଁ ବର୍ଣ୍ଣନା କରିଥିଲି। ୨୭ ଡ଼ିସେମ୍ବରର ଖୁତବାରେ ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ ପରିଚୟରେ ଏହା ବର୍ଣ୍ଣନା ହୋଇଥିଲା ଯେ, ଆଁହଜ଼ରତ ସ.ଅ ହଜ଼ରତ ସାଆଦ୍ ଏବଂ ତଲିବ୍ ବିନ୍ ଉମୈର ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ଯିଏ ମକ୍କାରୁ ପ୍ରବାସ କରି ମଦିନାକୁ ଆସିଥିଲେ ଏବଂ ଇବନେ ଇସହାକ୍‌ଙ୍କ ଅନୁଯାୟୀ ରସୁଲୁଲ୍ଲାଃ ସ.ଅ ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ ଏବଂ ହଜ଼ରତ ଅବୁଜ଼ର ଗଫ୍ଫାରି ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । କିନ୍ତୁ କେତେକଙ୍କୁ ତହିଁରେ ମତାନ୍ତରର ଅବକାଶ ରହିଛି । ସେ ଯାହାହେଉ ନା କାହିଁକି ତାହା ଏପରି ନୁହେଁ । ମୈତ୍ରିକ ସଂପର୍କର ଏହି ଚର୍ଚ୍ଚା ପ୍ରକୃତରେ ହଜ଼ରତ ମୁନଜ଼ର ବିନ୍ ଅମ୍ର ବିନ୍ ହୁନୈସଙ୍କ ସଂପର୍କରେ ଥିଲା। ଯେଉଁ ପୁସ୍ତକରୁ ଏହି ପ୍ରମାଣଗୁଡ଼ିକ ଆହୃତ ହୋଇଥିଲା, ସେଠାରେ ଏମାନଙ୍କ ସହିତ ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅଙ୍କ ଚର୍ଚ୍ଚା ମଧ୍ୟ ରହିଥିଲା । ତେଣୁ ରିସର୍ଚ୍ଚ ସେଲ୍ ଆଡୁ ଭୁଲବଶତଃ ଏହି ବାକ୍ୟଗୁଡ଼ିକ ହଜ଼ରତ ସାଆଦ ର.ଅଙ୍କ ସହିତ ବର୍ଣ୍ଣନା କରି ଦିଆଯାଇଛି । ଅପର ପକ୍ଷରେ ହଜ଼ରତ ମୁନଜ଼ର ବିନ୍ ଅମ୍ରଙ୍କ ଚର୍ଚ୍ଚାରେ ମୈତ୍ରିକ ସଂପର୍କର ଏହି ଚର୍ଚ୍ଚା ଆଲୋଚିତ ହୋଇଛି ଏବଂ ଗତ ବର୍ଷର ପ୍ରାରମ୍ଭରେ ଅର୍ଥାତ ୨୫ ଜାନୁୟାରୀର ଖୁତବାରେ ମୁଁ ଏହି ବିସ୍ତୃତ ଆଲୋଚନାକୁ ବର୍ଣ୍ଣନା କରିସାରିଛି । ସେ ଯାହାହେଉ ନା କାହିଁକି କହିବାକୁ ଗଲେ ତାହା ମାତ୍ର ଏକ ସଂଶୋଧନ ଥିଲା ଏବଂ ଆଗକୁ ଯେଉଁ ଚର୍ଚ୍ଚା ଚାଲିଛି ତାହା ଏପରି ଅଟେ ଯେ, ଯେତେବେଳେ ଖନ୍ଦକ୍ ଯୁଦ୍ଧ ଘଟିଥିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ଉୟୈନା ବିନ୍ ହସନଙ୍କୁ ମଦିନାର ଏକ ତୃତୀୟାଂଶ ଖଜୁରୀ ଦେବାକୁ ଚିନ୍ତା କରିଥିଲେ ଏବଂ ତାହା ଏହି ସର୍ତ୍ତାନୁଯାୟୀ ଥିଲା ଯେ, ଗତ୍‌ଫାନର ସଂପ୍ରଦାୟ ଯେଉଁ ଲୋକମାନେ ସେମାନଙ୍କ ସହଯାତ୍ରୀ ଥିଲେ ସେମାନେ ଅନ୍ୟ ଲୋକମାନଙ୍କୁ ଛାଡ଼ି ଏମାନଙ୍କୁ ଲେଉଟାଇ ନେଇ ଯାଆନ୍ତୁ, ଆଁହଜ଼ରତ

ସ.ଅ କେବଳ ହଜରତ ସାଆଦ୍ ବିନ୍ ମୁଆଜ୍ ଏବଂ ହଜରତ ସାଆଦ୍ ବିନ୍ ଉବାଦା ର.ଅଙ୍କ ଠାରୁ ହିଁ ପରାମର୍ଶ ଲୋଡ଼ିଥିଲେ । ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଖନ୍ଦକ୍ ଯୁଦ୍ଧର ପରିସ୍ଥିତିରେ ହଜରତ ମିର୍ଜା ବଶୀର୍ ଅହମଦ ସାହାବ ଏହିପରି ଭାବେ ଉଲ୍ଲେଖ କରିଅଛନ୍ତି,- ଏହି ଦିନ ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ, କଷ୍ଟ ଏବଂ ଚିନ୍ତାଜନକ ତଥା ବିପଦପୂର୍ଣ୍ଣ ଥିଲା ଏବଂ ଘେରାଉ କାଳକ୍ରମେ ଦୀର୍ଘ ହେବାକୁ ଲାଗିଥିଲା। ମୁସଲମାନମାନଙ୍କର ଶକ୍ତି ଦୁର୍ବଳ ହେବାକୁ ଲାଗିଥିଲା ଏବଂ ଏପରି ଅନୁମିତ ହେଉଥିଲା ଯେପରି ସେମାନଙ୍କ ହୃଦୟ ବିଶ୍ୱାସ ଓ ନିଷ୍ଠା ଦ୍ୱାରା ପରିପୂର୍ଣ୍ଣ ଥିଲା। କିନ୍ତୁ ଶରୀର ବସ୍ତୁବାଦୀ ନିୟମାନୁଯାୟୀ ହିଁ ପରିଚାଳିତ ହେଉଥିଲା। ଅର୍ଥାତ ଘେରାଉର ଅବଧି ଦୀର୍ଘ ହେବା କାରଣରୁ କ୍ଳାନ୍ତ ମଧ୍ୟ ଥିଲା, ସଠିକ୍ ରୂପେ କହିବାକୁ ଗଲେ ଖାଦ୍ୟ ସାମଗ୍ରୀ ମଧ୍ୟ ଗୁଜୁରାଣ ମେଣ୍ଟାଇବାକୁ ଯଥେଷ୍ଟ ନଥିଲା। ତେଣୁ ଏହି କାରଣରୁ ଧୀରେ ଧୀରେ କ୍ଳାନ୍ତ ସାଙ୍ଗକୁ ଦୁର୍ବଳତା ମଧ୍ୟ ସୃଷ୍ଟି ହେବାକୁ ଲାଗିଥିଲା ଏବଂ ତାହା ଶରୀରର ପ୍ରାକୃତିକ ସ୍ୱଭାବ ଅଟେ । ତେଣୁ ଯେତେବେଳେ ଆଁହଜରତ ସ.ଅ ସେହି ପରିସ୍ଥିତିକୁ ଦେଖିଲେ ସେତେବେଳେ ସେ ଅନସାରମାନଙ୍କର ଧନାଢ୍ୟ ବ୍ୟକ୍ତି ହଜରତ ସାଆଦ୍ ବିନ୍ ମୁଆଜ୍ ଏବଂ ସାଆଦ୍ ବିନ୍ ଉବାଦା ର.ଅଙ୍କୁ ଡ଼କାଇ ସେମାନଙ୍କ ସହିତ ପରିସ୍ଥିତି ସଂପର୍କରେ ଆଲୋଚନା କରି ସେମାନଙ୍କୁ ପରିସ୍ଥିତି ସଂପର୍କରେ ଅବଗତ କରାଇଲେ ଏବଂ ସେମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଯେ, ଏଭଳି ପରିସ୍ଥିତିରେ ଆମମାନଙ୍କୁ କ'ଣ କରିବା ଉଚିତ ? ଯଦି ତୁମେମାନେ ଚାହଁ ତେବେ ଏହା ମଧ୍ୟ ହୋଇପାରିବ ଯେ, ଗତଫାନର ସଂପ୍ରଦାୟକୁ ମଦିନାର ରାଜସ୍ୱରୁ କିଛି ଅଂଶ ଦେଇ ଏହି ଯୁଦ୍ଧକୁ ଏଡ଼ାଇ ଦିଆଯାଇପାରିବ । ସାଆଦ୍ ବିନ୍ ମୁଆଜ୍ ଏବଂ ସାଆଦ୍ ବିନ୍ ଉବାଦା ର.ଅ ଏକ ସ୍ୱର ହୋଇ କହିଲେ ଯେ, ହେ ରସୁଲୁଲ୍ଲାଃ ! ଯଦି ଆପଣ ସ.ଅଙ୍କୁ ଏ ସଂକ୍ରାନ୍ତରେ କୌଣସି ଐଶୀବାଣୀ ହୋଇଛି ତେବେ ଆମେମାନେ ଆପଣ ସ.ଅଙ୍କ ଆଗରେ ନତ ମସ୍ତକ କରୁଛୁ, ତେବେ ଏଭଳି ପରିସ୍ଥିତିରେ ଆପଣ ନିଃସନ୍ଦେହ ଆନନ୍ଦିତ ହୋଇ ଏହି ପ୍ରସ୍ତାବ ଅନୁଯାୟୀ ପଦକ୍ଷେପ ଗ୍ରହଣ କରନ୍ତୁ। ହୁଜୁର ସ.ଅ କହିଲେ ଯେ, ମୋତେ ଏ ସଂକ୍ରାନ୍ତରେ କୌଣସି ଐଶୀବାଣୀ ହୋଇ ନାହିଁ । ମୁଁ ତ' କେବଳ ଆପଣମାନଙ୍କର ଦୁଃଖ ଯନ୍ତ୍ରଣା କାରଣରୁ ପରାମର୍ଶ ବିଧି ଅନୁଯାୟୀ ପଚାରୁଛି । ଉପରୋକ୍ତ ଦୁଇ ସାହାବାମାନେ ଉତ୍ତର ଦେଲେ ଯେ, ହେ ରସୁଲୁଲ୍ଲାଃ ! ତେବେ ଆମର ପରାମର୍ଶ ଏହିକି ଯେ, ଯେତେବେଳେ ଆମେମାନେ ମୂର୍ତ୍ତି ଉପାସକ ଥିବା ଅବସ୍ଥାରେ କେବେ ହେଲେ କୌଣସି ଶତ୍ରୁକୁ କିଛି ଦେଇ ନାହୁଁ ସେତେବେଳେ ବର୍ତ୍ତମାନ ମୁସଲମାନ ହୋଇ କିପରି ବା କାହିଁକି ଦେବୁ ? ୱଲ୍ଲାଃ ଅର୍ଥାତ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ, ଆମେମାନେ ସେମାନଙ୍କୁ ତରବାରୀର ଦାଢ ବ୍ୟତୀତ ଆଉ କିଛି ଦେବୁ ନାହିଁ । ଯଦିଓ ଆଁହଜରତ ସ.ଅ ଆନସାରମାନଙ୍କ ଯୋଗୁଁ ହିଁ ଚିନ୍ତିତ ଥିଲେ । ଯେଁଉମାନେ ମଦିନାର ପ୍ରକୃତ ବାସିନ୍ଦା ଥିଲା ଏବଂ ପ୍ରାୟତଃ ଏହି ପରାମର୍ଶରେ ହୁଜୁର ସ.ଅଙ୍କର ପ୍ରକୃତ ଉଦ୍ଦେଶ୍ୟ କେବଳ ଏହା ହିଁ ରହିଥିଲା ଯେ, ଅନସାରମାନଙ୍କର ମାନସିକ ଅବସ୍ଥା ସଂପର୍କରେ ଆକଳନ କରାଯାଉ । କାରଣ ସେମାନେ ଏହି ବିପଦପୂର୍ଣ୍ଣ ପରିସ୍ଥିତିରେ ଚିନ୍ତିତ ତ' ନୁହନ୍ତି ? ଏବଂ ଯଦି ବି ସେମାନେ ଚିନ୍ତିତ ଅଟନ୍ତି ତେବେ ସେମାନଙ୍କୁ ଉତ୍ସାହିତ କରାଯାଉ । ଏଇଥିପାଇଁ ହୁଜୁର ସ.ଅ ପ୍ରସନ୍ନ ଚିତ୍ତର ସହିତ ସେମାନଙ୍କ ପରାମର୍ଶକୁ ଗ୍ରହଣ କଲେ ଏବଂ ପୁନଶ୍ଚ ଯୁଦ୍ଧ ମଧ୍ୟ ଜାରି ରହିଲା ।

ଖନ୍ଦକ୍ ଯୁଦ୍ଧ ଅବସରରେ ଅବୁ ସୁଫିୟାନ୍ ଏହି ଯୋଜନା କଲା ଯେ, ବନୁ ନୁଜାରର ଇହୁଦୀ ଧନୀକ ବ୍ୟକ୍ତି ହୁଇ ବିନ୍ ଅଖତବକୁ ଏହି ନିର୍ଦ୍ଦେଶ ଦେଲା ଯେ, ସେ ରାତ୍ରର ଅନ୍ଧକାରରେ ବନୁ କୁରୈଜାର ଦୁର୍ଗ ଆଡ଼କୁ ଯାଉ ଏବଂ ସେମାନଙ୍କ ଧନାଢ଼୍ୟ ବ୍ୟକ୍ତି କାଆବ୍ ବିନ୍ ଅସଦ୍ ସହିତ ମିଶି ବନୁ କୁରୈଜାକୁ ନିଜ ସହିତ ମିଶାଇବା ପାଇଁ ଉଦ୍ୟମ କରୁ । ସୁତରାଂ ହୁଇ ବିନ୍ ଅଖତବ୍ ସୁଯୋଗ ପାଇ କାଆବର ଘରେ ପହଞ୍ଚିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ତ' କାଆବ୍ ସେମାନଙ୍କ କଥା ଶୁଣିବାକୁ ଅସ୍ୱୀକାର କରିଲେ ଏବଂ କହିଲେ ଯେ, ମୁହମ୍ମଦ୍ ସ.ଅଙ୍କ ସହ ଆମର ଚୁକ୍ତି ହୋଇଛି ଏବଂ ମୁହମ୍ମଦ ସ.ଅ ସର୍ବଦା ଅତ୍ୟନ୍ତ ବିଶ୍ୱସନୀୟ ହୋଇ ନିଜର ଉକ୍ତ ଚୁକ୍ତି ରକ୍ଷା କରିଆସିଛନ୍ତି । ତେଣୁ ମୁଁ ତାଙ୍କ ସହିତ ବିଶ୍ୱାସଘାତକତା କରିପାରିବି ନାହିଁ । କିନ୍ତୁ ହୁଇ ତାକୁ ଏପରି ଶ୍ୟାମଳମୟ ଉଦ୍ୟାନ ଦେଖାଇ ଓ ଇସଲାମର ଶୀଘ୍ରାତିଶୀଘ୍ର ଧ୍ୱଂସର ଏଭଳି ଭରସା ଦେଲା ଯେ, ପରିଶେଷରେ ସେ ରାଜି ହୋଇଗଲା। ସୁତରାଂ ଯେତେବେଳେ ଆଁହଜରତ ସ.ଅଙ୍କୁ ବନୁ କୁରୈଜାର ଉକ୍ତ ବିଶ୍ୱାସଘାତକତା ସଂପର୍କରେ ଜ୍ଞାତ ହେଲା ସେତେବେଳେ ହୁଜୁର ସ.ଅ ପ୍ରଥମତଃ ଗୁପ୍ତ ଭାବରେ ଜୁବୈର ବିନ୍ ଅଲ୍ ଅୱାମ୍ ର.ଅଙ୍କୁ ପରିସ୍ଥିତି ସଂପର୍କରେ ପଚାରି ବୁଝିବା ପାଇଁ ପ୍ରେରଣ କଲେ । ପୁନଶ୍ଚ ନିୟମାନୁସାରେ ଔସ୍ ସଂପ୍ରଦାୟ ଏବଂ ଖଜରଜ୍ ସଂପ୍ରଦାୟର ଧନାଢ୍ୟ ବ୍ୟକ୍ତି ସାଆଦ୍ ବିନ୍ ମୁଆଜ୍ ଏବଂ ସାଆଦ୍ ବିନ୍ ଉବାଦା ର.ଅ ଓ ଅନ୍ୟ କେତେକ ପ୍ରଭାବଶାଳୀ ସାହାବାମାନଙ୍କର ଏକ ପ୍ରତିନିଧିମଣ୍ଡଳ ସ୍ୱରୂପ ବନୁ କୁରୈଜା ସଂପ୍ରଦାୟ ଆଡ଼କୁ ପ୍ରେରଣ କଲେ । ଯେତେବେଳେ ଏହି ସାହାବାମାନେ ନଗରରେ ପହଞ୍ଚିଲେ ଏବଂ ସେମାନଙ୍କର ମୁଖିଆ କାଆବ୍ ବିନ୍ ଅସଦ ନିକଟରେ ପହଞ୍ଚିଲେ

ସେତେବେଳେ ସେହି ହତଭାଗ୍ୟ ସେମାନଙ୍କୁ ଅତ୍ୟନ୍ତ ଅହଙ୍କାରପୂର୍ଣ୍ଣ ଢଙ୍ଗରେ ସାକ୍ଷାତ୍ କଲା ଏବଂ ଉକ୍ତ ସଂପ୍ରଦାୟର ଲୋକମାନେ ଉତକ୍ଷିପ୍ତ ହୋଇ କହିଲେ ଯାଅ ତୁମେମାନେ ଚାଲିଯାଅ ! ମୁହମ୍ମଦ୍ (ସ.ଅ) ଓ ଆମମାନଙ୍କ ମଧ୍ୟରେ କୌଣସି ଚୁକ୍ତି ହୋଇ ନାହିଁ । ଏହି ଶବ୍ଦ ଶୁଣି ସାହାବାମାନଙ୍କର ସେହି ପ୍ରତିନିଧିମଣ୍ଡଳ ସେଠାରୁ ଉଠି ଚାଲିଆସିଲେ ଏବଂ ସାଆଦ୍ ବିନ୍ ମୁଆଜ୍ ଓ ସାଆଦ୍ ବିନ୍ ଉବାଦା ର.ଅ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ଆଁହଜ଼ରତ ସ.ଅଙ୍କୁ ପରିସ୍ଥିତି ସଂପର୍କରେ ସୂଚନା ଦେଲେ ।

ବନୁ କୁରୈଜ଼ା ଯୁଦ୍ଧ ଅବସରରେ ହଜ଼ରତ୍ ସାଆଦ୍ ବିନ୍ ଉବାଦା ର.ଅ ଅନେକ ଓଟ ଉପରେ ଖଜୁରୀ ଲଦି ରସୁଲୁଲ୍ଲାଃ ସ.ଅ ଓ ମୁସଲମାନମାନଙ୍କ ପାଇଁ ପ୍ରେରଣ କଲେ। ଯାହାକି ସେହି ସମସ୍ତ ସାହାବା ତଥା ଆଁହଜ଼ରତ୍ ସ.ଅଙ୍କର ଖାଦ୍ୟ ଥିଲା । ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଖଜୁରୀ ଖାଦ୍ୟଟି ଅତ୍ୟନ୍ତ ଉତ୍ତମ ଭୋଜନ ଅଟେ ।

ମକ୍କା ବିଜୟ ଅବସରରେ ଯେତେବେଳେ ସୈନ୍ୟ ଦଳ ମକ୍କା ଆଡ଼କୁ ଅଗ୍ରସର ହେଲା ସେତେବେଳେ ରସୁଲ୍ କରୀମ୍ ସ.ଅ ହଜ଼ରତ ଅବ୍ବାସଙ୍କୁ ଆଦେଶ ଦେଲେ ଯେ, ସଡ଼କର ଏକ କୋଣରେ ଅବୁ ସୁଫିୟାନ ଏବଂ ତାହାର ସାଥୀଙ୍କୁ ନେଇ ଛିଡ଼ା ହୋଇଯାଅ । ଯଦ୍ୱାରା ସେମାନେ ଇସଲାମୀୟ ସୈନ୍ୟ ଦଳ ଓ ତାହାର ଆତ୍ମୋତ୍ସର୍ଗୀଙ୍କୁ ଦେଖି ପାରିବେ । ସୈନ୍ୟ ଦଳ ପରେ ସୈନ୍ୟ ଦଳ ଅତିକ୍ରମ କରୁଥିଲା, ସେତିକିବେଳେ ଅଶଜାଅ ସଂପ୍ରଦାୟର ସୈନ୍ୟଦଳର ଅତିକ୍ରମ ଇସଲାମର ପ୍ରେମ ଓ ତାହା ପାଇଁ ଆତ୍ମବଳିଦାନ ଦେବା ପାଇଁ ଯେଉଁ ଉତ୍ସାହ ସେମାନଙ୍କ ମୁଖମଣ୍ଡଳରୁ ପ୍ରକାଶ୍ୟ ଥିଲା ତାହା ସେମାନଙ୍କ ଶ୍ଳୋଗାନରୁ ଅନୁମିତ ହେଉଥିଲା । ଅବୁ ସୁଫିୟାନ କହିଲା ଅବବାସ୍ ! ଏ କିଏ ? ଅବବାସ କହିଲେ ଏ ହେଉଛି ଅଶଜାଅ ସଂପ୍ରଦାୟ । ଅବୁ ସୁଫିୟାନ ଆଶ୍ଚର୍ଯ୍ୟଚକିତ ହୋଇ ଅବବାସ୍ ମୁଖକୁ ଚାହିଁଲେ ଏବଂ କହିଲେ ସମଗ୍ର ଆରବରେ ଏହାଙ୍କଠୁ ବଳି ଅନ୍ୟ କେହି ମୁହମ୍ମଦ ସ.ଅଙ୍କ ଶତ୍ରୁ ନଥିଲା। ଅବବାସ୍ କହିଲେ ଯେ, ଏହା ଅଲ୍ଲାଃତାଲାଙ୍କ କୃପା ଅଟଇ ଯେ, ଯେତେବେଳେ ଅଲ୍ଲାଃତାଲା ଚାହିଁଲେ ସେତେବେଳେ ସେମାନଙ୍କ ହୃଦୟରେ ଇସଲାମର ପ୍ରେମାନୁରାଗ ବସା ବାନ୍ଧିଗଲା । ସର୍ବଶେଷରେ ହୁଜୁର ସ.ଅ ପ୍ରବାସକାରୀ ଓ ଅନସାରମାନଙ୍କର ସୈନ୍ୟଦଳକୁ ଧରି ଅତିକ୍ରମ କଲେ । ସେମାନଙ୍କ ସଂଖ୍ୟା ୨୦୦୦ ଥିଲା ଏବଂ ଆପାଦ ମସ୍ତକ ଲୌହ କବଚରେ ବା ଅଙ୍ଗତ୍ରାଣରେ ଲୁଚି ରହିଥିଲେ । ହଜ଼ରତ ଉମର ର.ଅ ସେମାନଙ୍କର ଧାଡ଼ିଗୁଡ଼ିକୁ ସଳଖ କରିଚାଲିଥିଲେ ଏବଂ କହୁଥିଲେ ଯେ, ପାଦକୁ ଏପରି ସମ୍ଭାଳି ଚାଲ ଯେପରିକି ଧାଡ଼ିର ଦୂରତା ସମାନ ରହୁଥିବ । ଇସଲାମର ସେହି ଆତ୍ମୋତ୍ସର୍ଗୀମାନଙ୍କର ଉତ୍ସାହ, ଦୃଢ ସଂକଳ୍ପ, ଆକାଂକ୍ଷା ଉଦ୍ଦୀପନା ତଥା ଉନ୍ମାଦନା ସେମାନଙ୍କ ମୁଖମଣ୍ଡଳରୁ ବାରି ହୋଇପଡୁଥିଲା। ଯେତେବେଳେ ଅବୁ ସୁଫିୟାନ୍ ସେମାନଙ୍କୁ ଦେଖିଲା ସେତେବେଳେ ତାହାର ହୃଦୟ ଦୋହୋଲି ଗଲା । ସେ ପଚାରିଲା ଅବବାସ୍ ଏମାନେ କିଏ ? ଅବୁ ସୁଫିୟାନ ଉତ୍ତର ଦେଲା ଯେ,ଏହି ସୈନ୍ୟଦଳର ମୁକାବିଲା କରିବା ପାଇଁ ସଂସାରରେ କାହା ପାଖରେ ଶକ୍ତି ତଥା ସାହସ ରହିଛି ? ପୁନଶ୍ଚ ସେ ଅବବାସଙ୍କୁ ସମ୍ବୋଧିତ କରି କହିଲା ଯେ, ତୁମ ଭାଇର ପୁତ୍ର ଆଜି ପୃଥିବୀର ସର୍ବବୃହତ୍ ଶାସକ ହୋଇଯାଇଛି । ଅବବାସ୍ ର.ଅ କହିଲେ ଏବେବି ତୋ ହୃଦୟର ଆଖି ଖୋଲି ନାହିଁ । ଏହା ଶାସକତ୍ୱ ନୁହେଁ ଏହା ତ' ନବୁଓ୍ୱତ୍ (ଅବତାରତ୍ୱ ) ଅଟେ । ଅବୁ ସୁଫିୟାନ କହିଲା ହଁ ହଁ ସେହି ନବୁଓ୍ୱତ୍ ହିଁ ହେଉ । ଯେତେବେଳେ ଏହି ସୈନ୍ୟଦଳ ଅବୁ ସୁଫିୟାନ ନିକଟରୁ ଅତିକ୍ରମ କରୁଥିଲା ସେତେବେଳେ ଅନସାରର କମାଣ୍ଡର ସାଆଦ୍ ବିନ୍ ଉବାଦା ଅବୁ ସୁଫିୟାନକୁ ଦେଖି କହିଲେ ଆଜି ଅଲ୍ଲାଃତାଲା ଆମମାନଙ୍କ ପାଇଁ ମକ୍କାରେ ପ୍ରବେଶ କରିବା, ତରବାରୀର ଶକ୍ତି ସାହାଯ୍ୟରେ ବୈଧ କରିଦେଇଛନ୍ତି । ଆଜି କୁରୈଶୀୟ ଜାତିକୁ ତିରସ୍କୃତ କରିଦିଆଯିବ । ଯେତେବେଳେ ଆଁହଜ଼ରତ ସ.ଅ ଅବୁ ସୁଫିୟାନ ନିକଟରୁ ଅତିକ୍ରମ କଲେ ସେତେବେଳେ ଅବୁ ସୁଫିୟାନ ଉଚ୍ଚ ସ୍ୱରରେ କହିଲା ହେ ରସୁଲୁଲ୍ଲାଃ ସ.ଅ ଆପଣ ନିଜ ଜାତିକୁ କୁଫ୍ଫାରମାନଙ୍କୁ ବଦ୍ଧ କରିବାର ଅନୁମତି ପ୍ରଦାନ କରିଦେଇଛନ୍ତି କି ? ଅବିକା ଅନସାରର ମୁଖିଆ ସାଆଦ୍ ଏବଂ ତାଙ୍କର ସାଥୀମାନେ ଏପରି କହୁଥିଲେ । ସେମାନେ ଉଚ୍ଚ ସ୍ୱରରେ ଏହା କହିଲେ ଯେ, ଆଜି ଯୁଦ୍ଧ ତ' ହେବ ଏବଂ ମକ୍କାର ପ୍ରତିଷ୍ଠା ମଧ୍ୟ ଆଜି ଆମକୁ ଯୁଦ୍ଧରୁ ରୋକି ପାରିବ ନାହିଁ ଏବଂ ଆମେ ଆଜି କୁରୈଶମାନଙ୍କୁ ତିରସ୍କୃତ କରି ଛାଡ଼ିବୁ । ହେ ରସୁଲୁଲ୍ଲାଃ ସ.ଅ ଆପଣ ସଂସାରରେ ସବୁଠୁ ପୁଣ୍ୟବାନ୍ ବ୍ୟକ୍ତି, ସବୁଠୁ ଦୟାବାନ୍ ବ୍ୟକ୍ତି ଏବଂ ପରିଜନମାନଙ୍କ ସହିତ ସର୍ବାଧିକ ପୁଣ୍ୟ, ଉପକାର ଏବଂ ବିନମ୍ରତା ପ୍ରଦର୍ଶନକାରୀ ବ୍ୟକ୍ତି ଅଟନ୍ତି । ଆଜି ଆପଣ ନିଜ ଜାତିର ଅନ୍ୟାୟ ଓ ଅତ୍ୟାଚାରକୁ ଭୁଲିବେନି କି ? ଅବୁ ସୁଫିୟାନର ଏହି ଅଭିଯୋଗ ଏବଂ ଅନୁରୋଧକୁ ଶୁଣି ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଅବୁ ସୁଫିୟାନ୍ ସଆଦ୍ ର.ଅ ଭୁଲ କହିଛନ୍ତି । ଆଜି ହେଉଛି ଦୟାର ଦିନ। ଆଜି ଅଲ୍ଲାଃତାଲା କୁରୈଶମାନଙ୍କୁ ଏବଂ ଖାନା କାଆବାକୁ ସମ୍ମାନିତ କରିବେ । ପୁନଶ୍ଚ ହୁଜୁର ସ.ଅ

ଜଣେ ବ୍ୟକ୍ତିକୁ ହଜ଼ରତ ସାଆଦ୍ ନିକଟକୁ ପ୍ରେରଣ କଲେ ଏବଂ କହିଲେ ନିଜର ଧ୍ୱଜା ନିଜ ପୁତ୍ର କ୍ୱୈସକୁ ଦେଇ ଦିଅ । କାରଣ ସେ ତୁମ ସ୍ଥାନରେ ଅନସାରର ସୈନ୍ୟଦଳର କମାଣ୍ଡର ହେବ । ଏହିପରି ଭାବେ ହୁଜୁର ସ.ଅ ମକ୍କାବାସୀଙ୍କର ମନକୁ ରଖିଲେ ଅର୍ଥାତ ଜୟ କଲେ ଏବଂ ଅନସାରମାନଙ୍କର ମନକୁ ମଧ୍ୟ ଆଘାତ ପାଇବାରୁ ସୁରକ୍ଷିତ ରଖିଲେ । ରସୁଲୁଲ୍ଲାଃ ସ.ଅଙ୍କୁ କ୍ୱୈସ୍ ର.ଅଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଥିଲା। କାରଣ କ୍ୱୈସ୍ ର.ଅଙ୍କ ସ୍ୱଭାବ ଅତ୍ୟନ୍ତ ବିନମ୍ର, ବିନୟ ତଥା ଯୁବକ ପରି ଥିଲା।

ହୁନୈନ୍ ଯୁଦ୍ଧ ଶୱାଲ୍ ମାସ ୮ ହିଜରୀରେ ମକ୍କା ବିଜୟ ପରେ ଘଟିଥିଲା। ସେହି ଯୁଦ୍ଧରେ ଯେଉଁ ଧନରତ୍ନ ପ୍ରାପ୍ତ ହେଲା ତାହାକୁ ଆଁହଜ଼ରତ ସ.ଅ ପ୍ରବାସକାରୀଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଅନସାରମାନେ ନିଜ ମନରେ ଏହି କଥା ଅନୁଭବ କଲେ । ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ଏହି ସଂପ୍ରଦାୟଟି ନିଜ ମନରେ କିଛି ସମସ୍ୟାମୂଳକ କଥା ଅନୁଭବ କରୁଛନ୍ତି । ଅର୍ଥାତ ଅନସାରମାନେ । ହୁଜୁର ସ.ଅ କହିଲେ ନିଜର ଜାତିକୁ ସେହି ପରିଧି ମଧ୍ୟରେ ଏକତ୍ରିତ କର । ଯେତେବେଳେ ସମସ୍ତେ ଏକତ୍ରିତ ହୋଇଗଲେ ସେତେବେଳେ ରସୁଲୁଲ୍ଲାଃ ସେମାନଙ୍କ ନିକଟକୁ ଆସିଲେ ଏବଂ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କରି କହିଲେ, ହେ ଅନସାରମାନଙ୍କର ଦଳ ! ଘଟଣା କ'ଣ ? ଯାହା ମୋତେ ତୁମ ଆଡୁ ପହଞ୍ଚିଛି ଯେ, ତୁମେମାନେ ମୋ ଉପରେ ଏହି କଥା ସକାଶେ କ୍ଷୁବ୍ଧ ଅଛ ଯେ, ତୁମମାନଙ୍କୁ ଧନ ମିଳିଲା ନାହିଁ । ହେ ଅନସାରମାନଙ୍କର ଦଳ ! ତୁମେମାନେ ସଂସାରର ତୁଚ୍ଛ ଧନ ଉପରେ ଦୁଃଖିତ ଅଛ କି ? ହେ ଅନସାରମାନଙ୍କର ଦଳ କ'ଣ ତୁମେମାନେ ଏହି କଥା ଉପରେ ଖୁସି ନାହଁ ଯେ, ଲୋକମାନେ ଛେଳି ମେଣ୍ଢା ଓ ଓଟମାନଙ୍କୁ ନେଇ ଯିବେ ଏବଂ ତୁମେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ନେଇ ନିଜ ଘରକୁ ଫେରିବ । ପନୁଷ୍ଚ ହୁଜୁର ସ.ଅ କହିଲେ ସେହି ଅସ୍ତିତ୍ୱର ଶପଥ କରି କହୁଛି ଯାହାଙ୍କ ଅଲୌକିକ ହସ୍ତରେ ମୋର ପ୍ରାଣବାୟୁ ରହିଛି । ଯଦି ପ୍ରବାସ ନ ହୁଅନ୍ତା ତେବେ ମୁଁ ମଧ୍ୟ ଅନସାରମାନଙ୍କ ମଧ୍ୟରୁ ଜଣେ ହୋଇଥାଆନ୍ତି । ହେ ଅଲ୍ଲାଃ ଅନସାରଙ୍କ ଉପରେ ଦୟା ଅବତୀର୍ଣ୍ଣ କର ଏବଂ ସେମାନଙ୍କ ସନ୍ତାନଙ୍କ ଉପରେ ମଧ୍ୟ । ବର୍ଣ୍ଣନାକାରୀ କହନ୍ତି ଯେ, ଏହି କଥା ଶୁଣି ସମସ୍ତ ଅନସାରମାନେ କ୍ରନ୍ଦନ କରିବାକୁ ଲାଗିଲେ । ଏପର୍ଯ୍ୟନ୍ତକି ସେମାନଙ୍କର ଦାଢି ସେମାନଙ୍କ ଅଶ୍ରୁ ଦ୍ୱାରା ଭିଜି ଗଲା ଏବଂ ସେମାନେ କହିବାକୁ ଲାଗିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ଆପଣ ଯାହା କିଛି ବାଣ୍ଟିଛନ୍ତି ଆମେମାନେ ତାହା ଉପରେ ରାଜି ଅଛୁ ଏବଂ ଆପଣ ହିଁ ଆମମାନଙ୍କ ପାଇଁ ଯଥେଷ୍ଟ ଅଟନ୍ତି ।

ହଜ୍ଜତୁଲ୍ ୱିଦା ପାଇଁ ଯେତେବେଳେ ଆଁହଜ଼ରତ ସ.ଅ ମଦିନାରୁ ହଜ୍ ସ୍ଥଳ ଅଭିମୁଖେ ଯାତ୍ରା କରି ସେଠାରେ ପହଞ୍ଚିଲେ ସେତେବେଳେ ସେଠାରେ ହୁଜୁର ସ.ଅଙ୍କର ଯାନ ହଜିଯାଇଥିଲା। ହଜ଼ରତ ସାଆଦ୍ ବିନ୍ ଉବାଦା ଯେତେବେଳେ ଏହି କଥା ଶୁଣିଲେ ସେତେବେଳେ ନିଜର ସୁପୁତ୍ର କ୍ୱୈସ୍ ର.ଅଙ୍କ ସାଙ୍ଗରେ ଆସିଲେ, ସେମାନଙ୍କ ସହିତ ଗୋଟିଏ ଓଟ ଥିଲା । ସେହି ଓଟ ଉପରେ ସେମାନେ ଯାତ୍ରା ପଥର ଖାଦ୍ୟ ପଦାର୍ଥ ଲଦିଥିଲେ । ସେମାନେ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ଯେ, ହେ ରସୁଲୁଲ୍ଲାଃ ଆମେମାନଙ୍କୁ ଜ୍ଞାତ ଅଛି ଯେ, ଆପଣ ସ.ଅଙ୍କର ଜିନିଷ ପତ୍ର ଥିବା ବାହନ କେଉଁଆଡ଼େ ହଜି ଯାଇଛି । ହେଇ ନିଅନ୍ତୁ ତା' ବଦଳରେ ଆମମାନଙ୍କ ତରଫରୁ ଏହି ବାହନକୁ ଗ୍ରହଣ କରନ୍ତୁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଅଲ୍ଲାଃତାଲା ଉକ୍ତ ବାହନକୁ ମୋ ପାଖକୁ ନେଇ ଆସିଛନ୍ତି ଅର୍ଥାତ୍ ଫେରାଇ ଦେଇଛନ୍ତି ଅର୍ଥାତ ଯେଁଉ ବାହନଟି ହଜ଼ି ଯାଇଥିଲା। ତୁମେମାନେ ନିଜର ବାହନକୁ ଫେରାଇ ନେଇଯାଅ, ଅଲ୍ଲାଃତାଲା ତୁମ ଦୁହିଁଙ୍କ କ୍ଷେତ୍ରରେ ବରକତ୍ ପ୍ରଦାନ କରନ୍ତୁ ।

ହଜ଼ରତ ଅବଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ କୌଣସି ଏକ ଅଜଣା ରୋଗରେ ଆକ୍ରାନ୍ତ ହେଲେ ସେତେବେଳେ ଆଁହଜ଼ରତ୍ ସ.ଅ ଅବଦୁର୍ ରହମାନ ବିନ୍ ଔଫ୍, ହଜ଼ରତ ସାଆଦ୍ ବିନ୍ ଅବି ୱକ୍କାସ୍ ଏବଂ ହଜ଼ରତ ଅବଦୁଲ୍ଲାଃ ବିନ୍ ମସଉଦ୍ ର.ଅ ପରି ସାହାବାମାନଙ୍କୁ ସାଙ୍ଗରେ ଧରି ତାଙ୍କ ରୋଗୀ ପରିଦର୍ଶନ ନିମନ୍ତେ ଗଲେ । ଯେତେବେଳେ ଆଁହଜ଼ରତ ସ.ଅ ତାଙ୍କ ଘରେ ପହଞ୍ଚିଲେ ସେତେବେଳେ ସେମାନଙ୍କୁ ସାଆଦ୍ ବିନ୍ ଉବାଦା ର.ଅଙ୍କୁ ଘେରିଥିବାର ଦେଖିଲେ । ହୁଜୁର ସ.ଅ କହିଲେ କ'ଣ ତାଙ୍କର ବିୟୋଗ ହୋଇଯାଇଛି ? ସେ କହିଲେ ନା ହେ ରସୁଲୁଲ୍ଲାଃ ତାଙ୍କର ମୃତ୍ୟୁ ଘଟି ନାହିଁ । ସେ ଯାହାହେଉ ନା କାହିଁକି ନବୀ କରୀମ୍ ସ.ଅ ପାଖକୁ ଯାଇ ତାଙ୍କର ଅବସ୍ଥାକୁ ଅନୁଧ୍ୟାନ କରି କାନ୍ଦି ପକାଇଲେ। ଯେତେବେଳେ ଲୋକାମାନେ ନବୀ କରୀମ୍ ସ.ଅଙ୍କୁ କାନ୍ଦୁ ଥିବାର ଦେଖିଲେ ସେତେବେଳେ ସେମାନେ ମଧ୍ୟ କାନ୍ଦିବାକୁ ଲାଗିଲେ । ପୁନଶ୍ଚ ହୁଜୁର ସ.ଅ କହିଲେ ଯେ, ଆରେ ଶୁଣ ! ଦେଖ ଯେ, ଅଲ୍ଲାଃତାଲା କେବେହେଲେ ଚକ୍ଷୁରୁ ଲୁହ କ୍ଷରିତ ହେବା ଯୋଗୁଁ ଦଣ୍ଡ

ଦିଅନ୍ତି ନାହିଁ ଓ ନା ହୃଦୟ ଦୁଃଖିତ ଥିଲେ ଶାସ୍ତି ଦିଅନ୍ତି । ବରଂ ଅଲ୍ଲାଃତାଲା ଏହି କାରଣ ଯୋଗୁଁ ଶାସ୍ତି ଦେବେ ଅଥବା ଦୟା ପ୍ରଦର୍ଶନ କରିବେ । ବରଂ ଅଲ୍ଲାଃତାଲା ଏଥିଯୋଗୁଁ ଶାସ୍ତି ଦେବେ କିମ୍ବା ଦୟା ବା କ୍ଷମା ପ୍ରଦାନ କରିବେ । ହୁଜୁର ସ.ଅ ନିଜର ତୁଣ୍ଡ ଆଡ଼କୁ ଇଙ୍ଗିତ କଲେ ଏବଂ କହିଲେ ଯେ, ମୃତକକୁ ମଧ୍ୟ ତାହାର ପରିବାରମାନଙ୍କ ତା ଆଗରେ ବିଳାପ ଏବଂ ଅସାଧାରଣ ଢଙ୍ଗରେ ରୋଦନ କରିବା ଯୋଗୁଁ ହିଁ ତାକୁ ଶାସ୍ତି ଦିଆଯାଇଥାଏ । ସୁତରାଂ ନୋହା ଅର୍ଥାତ ମୃତକ ବ୍ୟକ୍ତି ନିକଟରେ ବିଳାପ ଏବଂ ରୋଦନ କରିବା ଭୁଲ୍ ଅଟେ ।

ହଜ଼ରତ ଅବୁ ଉସୈଦ୍ ର.ଅଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ନବୀ କରୀମ୍ ସ.ଅ କହିଲେ ଯେ, ସମସ୍ତ ଅନସାରମାନଙ୍କ ଘର ଅପେକ୍ଷା ସର୍ବଶ୍ରେଷ୍ଠ ଘର ହେଉଛି ବନୁ ନଜ୍ଜାରଙ୍କ ଘର । ପୁନଶ୍ଚ ବନୁ ଅବ୍ଦେ ଅଶହଲ୍, ପୁନଶ୍ଚ ବନୁ ହାରିସ୍ ବିନ୍ ଖଜ଼ରଜ୍ ପୁନଶ୍ଚ ବନୁ ସାଆଦା ଏବଂ ଅନସାରର ସମସ୍ତ ଘରମାନଙ୍କରେ ପୁଣ୍ୟ ବିଦିତ ରହିଛି । ଏହା ଶୁଣି ହଜ଼ରତ ସାଆଦ୍ ବିନ୍ ଉବାଦା କହିଲେ ମୁଁ ଭାବୁଛି ଯେ, ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ଅମାମାନଙ୍କ ଠାରୁ ଅଧିକ ଶ୍ରେଷ୍ଠ ବୋଲି ବିବେଚିତ କରିଛନ୍ତି । ପ୍ରତ୍ୟୁତ୍ତରରେ ତାଙ୍କୁ କୁହାଗଲା ଯେ, ଆଁହଜ଼ରତ ସ.ଅ ଆପଣଙ୍କୁ ବି ତ' ଅନେକ ବ୍ୟକ୍ତିଙ୍କ ଉପରେ ଶ୍ରେଷ୍ଠତର ବୋଲି ବିବେଚିତ କରିଛନ୍ତି । ହଶ୍ଶାମ୍ ବିନ୍ ଉରୱାହ୍ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ସାଆଦ୍ ବିନ୍ ଉବାଦା ସର୍ବଦା ଏହି ଦୁଆ କରୁଥିଲେ ଯେ, ହେ ଅଲ୍ଲାଃ ! ମୋତେ ପ୍ରଶଂସନୀୟ କରି ଦିଅନ୍ତୁ ଏବଂ ମୋତେ ପ୍ରତିଷ୍ଠା ଏବଂ ସମ୍ମାନର ଅଧିକାରୀ କରି ଦିଅନ୍ତୁ।

ହଦିସର ଏକ ବର୍ଣ୍ଣନାନୁଯାୟୀ ଅର୍ଥାତ ମସନଦ୍ ଅହମଦ୍ ବିନ୍ ହମ୍ବଲର ଯେ, ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ତାଙ୍କୁ କହିଲେ ଯେ, ତୁମେ ଅମୁକ ସଂପ୍ରଦାୟର ନିରୀକ୍ଷକ ହୁଅ । କିନ୍ତୁ ଦେଖିବ ପ୍ରଳୟ ଦିବସରେ ତୁମେ ଏପରି ଅବସ୍ଥାରେ ନ ଆସ ଯେ, ତୁମ କାନ୍ଧ ଉପରେ କୌଣସି ଯୁବ ଓଟକୁ ଲଦି ଦିଆଯାଇଥିବ ଏବଂ ସେ ପ୍ରଳୟ ଦିବସରେ ଚିତ୍କାର କରୁଥିବ । ଅର୍ଥାତ ଉଚିତ ନିରୀକ୍ଷଣ କରିବାକୁ ହେବ, ସଠିକ୍ ନ୍ୟାୟ କରିବାକୁ ହେବ ଏବଂ କୌଣସି ପ୍ରକାରର ବିଶ୍ୱାସଘାତକତା ଯେପରି ତୁମ ଦ୍ୱାରା ସଂପାଦିତ ନହେଉ । ହଜ଼ରତ ଉବାଦା ର.ଅ କହିଲେ ହେ ରସୁଲୁଲ୍ଲାଃ ! ତାହାହେଲେ ଆପଣ ଏହି ଦାୟିତ୍ୱଟି ଅନ୍ୟକୁ ହସ୍ତାନ୍ତର କରି ଦିଅନ୍ତୁ । ଆଁହଜ଼ରତ ସ.ଅଙ୍କ ଯୁଗରେ ୬ ଜଣ ଅନସାର କୁରଆନ୍ କରୀମ ଏକତ୍ରିତ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ ଅନ୍ୟତମ ଥିଲେ ବା ଅନ୍ତର୍ଭୁକ୍ତ ଥିଲେ । ହଜ଼ରତ ମୁସଲେହ୍ ମଉଦ୍ ର.ଅ କହନ୍ତି ଯେ, ଅନସାରମାନଙ୍କ ମଧ୍ୟରୁ କୁରଆନ କରୀମର ଯେଉଁ ବିଖ୍ୟାତ କଣ୍ଠସ୍ଥକାରୀ ଥିଲେ ସେମାନଙ୍କ ମଧ୍ୟରୁ ହଜ଼ରତ ସାଆଦ୍ ବିନ୍ ଉବାଦା ର.ଅ ଅନ୍ୟତମ ଥିଲେ । ହୁଜୁର ଅନଓ୍ୱର ଅ.ବ କହିଲେ ଯେ, ସାଆଦ୍ ବିନ୍ ଉବାଦା ର.ଅଙ୍କ ସଂପର୍କରେ ଆଉ ଟିକିଏ କଥା ରହି ଯାଇଛି ଯାହାକୁ ଇନଶା ଅଲ୍ଲାଃ ଆଗାମୀ ଖୁତବାରେ ବର୍ଣ୍ଣନା କରିବି ।

.......................................

**KHULASA KHUTBA JUMA HUZOOR ANWAR a.b.a**

**10th Jan 2020**

...................